**ଦ୍ୱିତୀୟ ଅଧ୍ୟାୟ**

# ଧାରଣୀୟ ବିକାଶ

ପୃଥିବୀପୃଷ୍ଠରେ ଜୀବନଯାପନ କରିବାପାଇଁ ଆମ୍ଭେମାନେ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଥାଉ । ଯଥା କୃଷି ପାଇଁ ଭୂମି, ଜଙ୍ଗଲଜାତ ଦ୍ରବ୍ୟ ପାଇଁ ଜଙ୍ଗଲ, ପାଣିପାଇଁ ପୃଷ୍ଠସ୍ତର ଏବଂ ଭୂତଳଜଳ, କଳକାରଖାନା ପାଇଁ ବିଭିନ୍ନ ପ୍ରକାରର କଞ୍ଚାମାଲ ଏବଂ ଜାଳେଣୀ ଇତ୍ୟାଦି ଉପରେ ମନୁଷ୍ୟ ସର୍ବଦା ନିର୍ଭରଶୀଳ । ମନୁଷ୍ୟ ସ୍ୱଭାବତଃ ସ୍ୱାର୍ଥପର ଏବଂ ଅଳ୍ପରେ ସନ୍ତୁଷ୍ଟ ନୁହେଁ । ତେଣୁ ତାହାର ଅନେକ କାର୍ଯ୍ୟକଳାପ ଅର୍ଥବ୍ୟବସ୍ଥାର, ସମାଜର ତଥା ସର୍ବୋପରି ପୃଥିବୀର ଦୀର୍ଘକାଳୀନ ବିକାଶରେ ଅନ୍ତରାୟ ସୃଷ୍ଟି କରିଥାଏ । ଆମ୍ଭେ ଜାଣୁ ଯେ, ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତିମାନେ କାଳକ୍ରମେ ଜଙ୍ଗଲକୁ କାଟି ପଦା କରିଦିଅନ୍ତି । ସେହିପରି କଳକାରଖାନା ସ୍ଥାପନ ହେବାପରେ ସେହି ସ୍ଥାନଟ ଧିରେ ଧିରେ ପ୍ରଦୂଷିତ ହେବାରେ ଲାଗିଥାଏ । ଯେପରିକି କଳକାରଖାନାର ଧୂଆଁ ବାୟୁମଣ୍ଡଳକୁ ଏବଂ ମଇଳାପାଣି ନଦୀକୁ ପ୍ରଦୂଷିତ କରେ । ଏହିପରି ଅନେକ କାର୍ଯ୍ୟ କରିବାଦ୍ୱାର ସେଥିରୁ ବର୍ଜ୍ୟବସ୍ତୁ ନିଷ୍କାସିତ ହୋଇଥାଏ । ଫଳତଃ ବାୟୁମଣ୍ଡଳର ଉଷ୍ଣତା ବୃଦ୍ଧି, ବୃଷ୍ଟିପାତରେ ଅନିୟମିତତା, ବାୟୁ ଏବଂ ଜଳଦୂଷିତ ଇତ୍ୟାଦି ଆଜିକାଲି ଏକ ମୁଖ୍ୟ ସମସ୍ୟାରୂପେ ଦେଖାଦେଇଛି । ସେହିପରି ମନୁଷ୍ୟମାନେ ବ୍ୟବହାର କରୁଥିବା ବିଭିନ୍ନ ସାମଗ୍ରୀରୁ ବାହାରୁଥିବା ବର୍ଯ୍ୟବସ୍ତୁ ପରିବେଶକୁ ଖରାପ କରିଥାଏ । ଉଦାହରଣ ସ୍ୱରୂପ ଆମେ ବଜାରରୁ ଥଣ୍ଡାପାନୀୟ କିଣି ବା ଆଳୁଚିପ୍ସ କିଣି ଖାଇଲାପରେ ତାର ପ୍ଲାଷ୍ଟିକ ଜରି/ପଲିଥିନ୍‌କୁ ବର୍ଜ୍ୟବସ୍ତୁ ଫୋପାଡ଼ିବା ସ୍ଥାନରେ ନପକାଇ, ରାସ୍ତାରେ ବା ନାଳରେ ପକାଇଥାଉ ଏବଂ ଏହା ନର୍ଦ୍ଦମା ପାଣି ନିଷ୍କାସନରେ ବାଧାଦିଏ ଏବଂ ପ୍ରଦୂଷଣର ମାତ୍ରାକୁ ବୃଦ୍ଧି କରାଏ । ଏହି ସବୁ ବିଷୟରେ ଆଲୋଚନା କରିବାପାଇଁ ଆମକୁ ଧାରଣୀୟ ବିକାଶ (Sustainable Development) ସମ୍ପର୍କରେ କିଛି ଜ୍ଞାନ ଆହରଣ କରିବାକୁ ପଡ଼ିବ ।

## ଧାରଣୀୟ ବିକାଶର ସଂଜ୍ଞା

ଧାରଣୀୟ ବିକାଶ ବା (Sustainable Development) ଶବ୍ଦଟି ପ୍ରଥମେ ୧୯୮୭ ମସିହାରେ "ଆମ୍ଭମାନଙ୍କର ସାର୍ବଜନୀନ ଭବିଷ୍ୟତ" ନାମକ ଏକ ଚିଠାରେ ବ୍ୟବହୃତ ହୋଇଥିଲା । ଗ୍ରୋ ହାରଲେମ୍ ବ୍ରଣ୍ଡଲାଣ୍ଡ ଯିଏକି ସେ ସମୟରେ ନରୱେ ଦେଶର ପ୍ରଧାନମନ୍ତ୍ରୀ ଥିଲେ ତାଙ୍କର ଅଧ୍ୟକ୍ଷତାରେ ଏକ କମିଶନ୍ "ପୃଥିବୀର ପରିବେଶର ବିକାଶ" ନାମରେ ଗଠନ କରାଯାଇଥିଲା । ବ୍ରଣ୍ଡଲାଣ୍ଡଙ୍କ ଭାଷାରେ "ଯେଉଁ ବିକାଶ ଆଗାମୀ ବଂଶଧରମାନଙ୍କର ଆବଶ୍ୟକତାକୁ ପୂରଣ କରିବାର ସାମର୍ଥ୍ୟକୁ ସାଲିସ୍ ନକରି ବର୍ତ୍ତମାନ ପୀଢ଼ିର ଆବଶ୍ୟକତାକୁ ପୂରଣ କରିଥାଏ ତାହାକୁ ଧାରଣୀୟ ବିକାଶ କୁହାଯାଏ ।" ଏହି ସଂଜ୍ଞାରେ ଆବଶ୍ୟକତା ଶବ୍ଦଟି ମୁଖ୍ୟତଃ ଉତ୍ପାଦନ ପାଇଁ ପ୍ରାକୃତିକ ସମ୍ବଳ ବିଷୟକୁ ବୁଝାଉଛି । ପୃଥିବୀପୃଷ୍ଠରେ ଥିବା ସମସ୍ତ ଜୀବଜଗତ, ଉଦ୍ଭିଦ, ପ୍ରାକୃତିକ ସମ୍ପଦର ବ୍ୟବହାର ଏବଂ ଆଗାମୀ ବଂଶଧରମାନଙ୍କ ପ୍ରତି ଆମର ଦୃଷ୍ଟିଭଙ୍ଗୀ ଧାରଣୀୟ ବିକାଶର ମୁଖ୍ୟ ନିର୍ଣ୍ଣାୟକ ଅଟେ । ସର୍ବୋପରି ଏହି ବିକାଶ ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ, ସମସ୍ତଙ୍କର ଜୀବନଧାରଣରମାନ ଉନ୍ନତ କରିବା ସଙ୍ଗେ ସଙ୍ଗେ ଏକ ପ୍ରଦୂଷଣମୁକ୍ତ ପୃଥିବୀର ଗଠନ ହୋଇପାରିବ ।

ଏଠାରେ ସାଧାରଣତଃ ଆମ ମନରେ ଦୁଇଟି ପ୍ରଶ୍ନ ଉଠିପାରେ ଯଥା :

(୧) ବିକାଶ ବିନା ଏକ ପରିବେଶର କଳ୍ପନା କରିବା ଅର୍ଥହୀନ କାରଣ ବିକାଶ ବିନା ପୃଥିବୀ ପୃଷ୍ଠରେ ଜୀବନଯାପନ ଅସମ୍ଭବ ।

(୨) ଉପଯୁକ୍ତ ପରିବେଶ ସୁରକ୍ଷା ନଥାଇ ବିକାଶର ଅର୍ଥ ଉତ୍କଟ ପରିବେଶର ଅବକ୍ଷୟ ଜନିତ ସମସ୍ୟାର ସୃଷ୍ଟି ।

ତେଣୁ ଏଠାରେ ବ୍ରଣ୍ଡଲାଣ୍ଡଙ୍କ ଧାରଣୀୟ ବିକାଶ ସାଂପ୍ରତିକ ସମାଜ ଓ ପୃଥିବୀପାଇଁ ଏକ ଉପଯୁକ୍ତ ପ୍ରକ୍ରିୟା ଅଟେ ।

## ଧାରଣୀୟ ବିକାଶର ଉପାଦାନ ଏବଂ ଉଦ୍ଦେଶ୍ୟ/ ଲକ୍ଷ୍ୟ :

ଧାରଣୀୟ ବିକାଶର ମୁଖ୍ୟ ଉଦ୍ଦେଶ୍ୟ ହେଲା ପରସ୍ପରର ନିର୍ଭରଶୀଳ ହୋଇ ଅର୍ଥବ୍ୟବସ୍ଥାର ବିକାଶ, ସାମାଜିକ ବ୍ୟବସ୍ଥାର ସଂହତି ଏବଂ ପରିବେଶ ବ୍ୟବସ୍ଥାର ସଂରକ୍ଷଣ ଦ୍ୱାରା ସର୍ବୋଚ୍ଚ ଲକ୍ଷ୍ୟ ହାସଲ କରିବା ।

### (୧) ଆର୍ଥନୀତିକ ବିକାଶ :

ଆର୍ଥନୀତିକ ବିକାଶ ଧାରଣୀୟ ବିକାଶର ଏକ ମୁଖ୍ୟ ପ୍ରସଙ୍ଗ । ମୁଣ୍ଡପିଛା ବାସ୍ତବ ଆୟର ବୃଦ୍ଧି, ସମସ୍ତଙ୍କର ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଏବଂ ମୁକ୍ତ ବାୟୁ, ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ତଥା ସର୍ବୋପରି ସମସ୍ତଙ୍କୁ ଉନ୍ନତମାନର ଜୀବନଯାପନ କରିବାର ସୁଯୋଗ ପ୍ରଦାନକୁ ଆର୍ଥନୀତିକ ବିକାଶ କୁହାଯାଏ । ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ବିଭିନ୍ନ ପ୍ରକାରର ଯୋଜନାବଦ୍ଧ କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ହାତକୁ ନିଆଯାଇଥାଏ ।

### (୨) ସାମାଜିକ ସଂହତି :

ନ୍ୟାୟ ଏବଂ ସମାନତା ନୀତି ଉପରେ ଧାରଣୀୟ ବିକାଶର ସାମାଜିକ ଦୃଷ୍ଟିକୋଣ ଆଧାରିତ । ସାମାଜିକ ଶୃଙ୍ଖଳା ଏବଂ ସଂହତି ରକ୍ଷାକରିବା ହେଲା ଏହି ବିକାଶର ଅନ୍ୟତମ ଲକ୍ଷ୍ୟ । ସମସ୍ତଙ୍କର ପ୍ରତି ସହାନୁଭୂତି ଦ୍ୱାରା ସାମାଜିକ ସଂହତି ରକ୍ଷା କରାଯାଇପାରେ । ଏହି ବିକାଶ କାର୍ଯ୍ୟକ୍ରମ ଲୋକାଭିମୁଖୀ ହେବା ଆବଶ୍ୟକ ।

### (୩) ପରିବେଶ ସୁରକ୍ଷା :

ପରିବେଶର ସୁରକ୍ଷା ହେଉଛି ଧାରଣୀୟ ବିକାଶର ଏକ ମୁଖ୍ୟ ଅଙ୍ଗ । ଏହା ମୁଖ୍ୟତଃ ଚାରିପ୍ରକାର କାର୍ଯ୍ୟ କରିଥାଏ । ଯଥା :

(କ) ଉତ୍ପାଦନ ପାଇଁ ବିଭିନ୍ନ କଞ୍ଚାମାଲ ଯୋଗାଣ । ଉଦାହରଣ ସ୍ୱରୂପ ଆଲୁମିନିୟମ ପାଇଁ ବକ୍ସାଇଟ୍ ଖଣିଜ ପଥର ।

(ଖ) ପରିବେଶ ଉତ୍ପାଦନ ଓ ଉପଭୋଗ ଦ୍ୱାରା ଯାବତୀୟ ବର୍ଜ୍ୟବସ୍ତୁର ଶୋଷକ ପାତ୍ର ଭାବେ କାର୍ଯ୍ୟକରେ । ଉଦାହରଣ ସ୍ୱରୂପ କଳକାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ଓ ମଇଳାପାଣିକୁ ବାୟୁମଣ୍ଡଳ ଓ ନଦୀ ଏବଂ ସମୁଦ୍ର ଶୋଷଣ କରି ଦେଇଥାଏ ।

(ଗ) ଆମର ଜୀବନଧାରଣ ପାଇଁ ପରିବେଶ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ ଜନଜାତିମାନେ ଜଙ୍ଗଲ ଉପରେ ପୁରାପରି ନିର୍ଭରଶୀଳ ଓ ସେମାନେ ଜଙ୍ଗଲଜାତ ଦ୍ରବ୍ୟଦ୍ୱାରା ଜୀବିକା ନିର୍ବାହ କରନ୍ତି ।

(ଘ) ପ୍ରାକୃତିକ ଏବଂ ପାରିପାର୍ଶ୍ୱିକ ସ୍ଥିରତା ବଜାୟ ରଖିବା ପରିବେଶର ଅନ୍ୟ ଏକ ମୁଖ୍ୟ କାର୍ଯ୍ୟ ଅଟେ । ପ୍ରାଣୀମଣ୍ଡଳ ଓ ଜୀବଜଗତ ଏହି ପରିବେଶ ଯୋଗୁ ହିଁ ତିଷ୍ଠି ରହିଛି ।

ଏହି ପରିପ୍ରେକ୍ଷୀରେ ପରିବେଶର ସୁରକ୍ଷା ଏକ ଜରୁରୀ କାର୍ଯ୍ୟ ବୋଲି ମନେହୁଏ ଏବଂ ଏହି ସନ୍ତୁଳନ ଯଦି ନଷ୍ଟହୁଏ ତେବେ ବିଭିନ୍ନ ପ୍ରକାରର ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଉଦାହରଣ ସ୍ୱରୂପ ୧୯୯୯ ମସିହାରେ ଘଟିଥିବା ମହାବାତ୍ୟା ଓଡ଼ିଶା ଉପକୂଳରେ ପ୍ରଭୂତ କ୍ଷତି ଘଟାଇଥିଲା । ସୁତରାଂ, ବିକାଶ କାର୍ଯ୍ୟକ୍ରମ ପ୍ରକୃତିର ଧାରଣ ଶକ୍ତି ସୀମା ମଧ୍ୟରେ ସୀମିତ ରହିବା ଉଚିତ । ବର୍ତ୍ତମାନ ଓ ଆଗାମୀ ବଂଶଧରମାନଙ୍କ ମଧ୍ୟରେ ପ୍ରାକୃତିକ ସମ୍ବଳ ଉପଯୋଗର ଗୁରୁତ୍ୱ ଉପଲବ୍ଧ ହୋଇପାରିଲେ ଧାରଣୀୟ ବିକାଶ ସମ୍ଭବ ହୁଏ । ଏହି ପୁଞ୍ଜିର ସଠିକ୍ ବ୍ୟବହାର, ରକ୍ଷଣାବେକ୍ଷଣ ଓ ଭବିଷ୍ୟତ ବଂଶଧରଙ୍କ ପ୍ରତି ଚିନ୍ତା ଓ ଗୁରୁତ୍ୱ ପ୍ରଦର୍ଶନ ଏହି ବିକାଶର ମୂଳଭିତ୍ତି ଅଟେ ।

## ଧାରଣୀୟ ବିକାଶର ନିୟମାବଳୀ :

ଧାରଣୀୟ ବିକାଶରେ ପରିବେଶର ସୁରକ୍ଷା ଏକ ମୁଖ୍ୟ ପ୍ରସଙ୍ଗ ବୋଲି ଆମ୍ଭେ ପୂର୍ବରୁ ଆଲୋଚନା

କରିସାରିଛେ । ତେବେ ଏହାର ବିକାଶ ପାଇଁ କେତେଗୁଡ଼ିଏ ନିୟମ କାର୍ଯ୍ୟକାରୀ କରାଯାଇଛି । ସେଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା-

## (କ) ଜନସଂଖ୍ୟା ନିୟନ୍ତ୍ରଣ :

ଜନସଂଖ୍ୟା, ପରିବେଶ ଓ ବିକାଶ, ଏଗୁଡ଼ିକ ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଜନସଂଖ୍ୟା ବୃଦ୍ଧି ହେଲେ ଦାରିଦ୍ର୍ୟ ବୃଦ୍ଧିପାଏ ଏବଂ ପରିବେଶ ଅସନ୍ତୁଳିତ ହୋଇଥାଏ । ଏହି ଅବକ୍ଷୟ ଯୋଗୁଁ ବିକାଶର ଧାରା ବାଧାପ୍ରାପ୍ତ ହୋଇଥାଏ । ଆହୁରି ମଧ୍ୟ ଜନସଂଖ୍ୟାରେ ବୃଦ୍ଧି ଘଟିଲେ ବେକାରୀ ସମସ୍ୟା ଦେଖାଦିଏ ଓ ସେମାନଙ୍କୁ ଥଇଥାନ କରିବା ପାଇଁ କଳକାରଖାନା ଇତ୍ୟାଦି ସ୍ଥାପନ କରାଯାଏ । ଏହାଦ୍ୱାରା ସହରୀକରଣ ଏବଂ ପ୍ରଦୂଷଣ ବୃଦ୍ଧିପାଏ । ଭୂମି ଉପରେ ମାନବୀୟ ଚାପ ଅତ୍ୟଧିକ ହୋଇଥାଏ ଓ ଏହାଦ୍ୱାରା ପରିବେଶର ସନ୍ତୁଳନ ନଷ୍ଟ ହୁଏ । ତେଣୁ ଧାରଣୀୟ ବିକାଶ ପାଇଁ ଜନସଂଖ୍ୟାର ନିୟନ୍ତ୍ରଣ ଜରୁରୀ ଅଟେ ।

## (ଖ) ନବୀକରଣୀୟ ସମ୍ବଳର ପରିମିତ ବ୍ୟବହାର :

ନବୀକରଣୀୟ ସମ୍ବଳର ବ୍ୟବହାର ହାର ଏହାର ପୁନଃଉତ୍ପାଦନ ହାରଠାରୁ ଅଧିକ ନହେଲେ ଏହି ସମ୍ବଳର ପରିମାଣ କାଳକ୍ରମେ କମ୍ ହେବନାହିଁ ଏବଂ ବିକାଶର ଧାରା ଅବ୍ୟାହତ ରହିବ ।

## (ଗ) ବର୍ଜ୍ୟବସ୍ତୁର ପରିଚାଳନା :

ପ୍ରକୃତିର ବର୍ଜ୍ୟବସ୍ତୁକୁ ଶୋଷଣ ବା ତୁଲ୍ୟକରଣ କରିବାର କ୍ଷମତା ପରିମିତ । ତେଣୁ ବିଭିନ୍ନ ପ୍ରକାରର ବିକାଶ ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ସବୁ ସଠିକ ଓ ସୁଚାରୁରୂପେ ପରିଚାଳନା କରିବା ନିତାନ୍ତ ଜରୁରୀ । ପରିବେଶର ପ୍ରଦୂଷଣ ଏହାର ଶୋଷକ ଶକ୍ତିଠାରୁ କମ୍ ନହେଲେ ପୃଥିବୀ ପୃଷ୍ଠରେ ଜୀବନଧାରଣ କରିବା ଅସମ୍ଭବ ହୋଇପଡ଼ିବ ଏବଂ ବିକାଶର ଧାରା ବ୍ୟାହତ ହେବ ।

## (ଘ) ଭରଣା ଓ ପ୍ରତିବଦଳ :

ପ୍ରାକୃତିକ ସମ୍ପଦ ସୀମିତ ହୋଇଥିବାରୁ ଏହାର ବ୍ୟବହାର ସଠିକ ରୂପେ କରାଯିବା ଆବଶ୍ୟକ । ଅନବରତ ଭାବେ ଏହାକୁ ବ୍ୟବହାର କରିବା ଦ୍ୱାରା ଏହାର ମାତ୍ରା କ୍ରମଶଃ କମିଯିବା ସ୍ୱାଭାବିକ । ତେଣୁ ଉନ୍ନତ ପ୍ରଯୁକ୍ତି ଜ୍ଞାନକୌଶଳ ବ୍ୟବହାର କଲେ ଆମେ ବିଭିନ୍ନ ପ୍ରକାର ମାନବ ସୃଷ୍ଟ ପୁଞ୍ଜି ଗଠନ କରି ଏହି ସମ୍ବଳର ଭରଣା ଏବଂ ପ୍ରତିବଦଳ କରିପାରିବା । ତାହେଲେ ଯାଇ ବିକାଶର ଧାରା ଅବ୍ୟାହତ ରହିବ ।

## (ଙ) ସମ୍ବଳର ସର୍ବୋତ୍ତମ ବ୍ୟବହାର :

ସମ୍ବଳର ମାତ୍ରା ସୀମିତ ଅଟେ । ତେଣୁ ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ କୌଶଳ ବ୍ୟବହାର କରି କମ୍ ସମ୍ବଳରୁ ଉତ୍କୃଷ୍ଟ ମାନଯୁକ୍ତ ଦ୍ରବ୍ୟ ଉତ୍ପାଦନ ଦ୍ୱାରା ଆମ ଜୀବନଧାରଣର ମାନ ଉନ୍ନତ ଏବଂ ବିକାଶର ଧାରା ଅବ୍ୟାହତ ରଖାଯାଇପାରିବ ।

ସାମ୍ପ୍ରତିକ ସମାଜ ପାଇଁ ଧାରଣୀୟ ବିକାଶ ଏକ ଜରୁରୀ ପ୍ରକ୍ରିୟା ଏବଂ ଆବଶ୍ୟକତା ଅଟେ । ନିମ୍ନଲିଖିତ ସୂଚକଗୁଡ଼ିକ ଏହାର ବାସ୍ତବତା ଓ ସମ୍ଭାବନାକୁ ସୂଚାଉଅଛି ।

୧. ବାସ୍ତବ ଜାତୀୟ ଆୟର ବୃଦ୍ଧିହାର
୨. ଦେଶର ଜନସଂଖ୍ୟା ଓ ତା'ର ବୃଦ୍ଧିହାର
୩. ମାନବ ସମ୍ବଳ ବିକାଶର ସ୍ତର
୪. ଶୁଦ୍ଧ ପାନୀୟ ଜଳ ଓ ବିଶୁଦ୍ଧ ମୁକ୍ତବାୟୁର ଉପଲବ୍ଧି
୫. ବିଦ୍ୟୁତ୍ ଉତ୍ପାଦନ ଓ ବ୍ୟବହାରର ମାତ୍ରା
୬. ପାଣିର ଉତ୍ସ ଓ ବ୍ୟବହାରର ପରିମାଣ
୭. ଜଙ୍ଗଲ ଭୂମିର ପରିମାଣ
୮. ଚାଷ ଜମିର ପରିମାଣ
୯. ଯାନବାହନର ସଂଖ୍ୟା, ପ୍ରକାର ଓ ପ୍ରଦୂଷଣ କରିବାର କ୍ଷମତା
୧୦. ଗଚ୍ଛିତ ପ୍ରାକୃତିକ ସମ୍ପଦର ପରିମାଣ ଓ ଉତ୍ତୋଳନ ହାର
୧୧. ସହରୀକରଣର ମାତ୍ରା
୧୨. କଳକାରଖାନାର ସଂଖ୍ୟା ଓ ପ୍ରଦୂଷଣର ତୀବ୍ରତା
୧୩. ଶେଷରେ ଜନସାଧାରଣ ଓ ସରକାରଙ୍କ ପରିବେଶ ପ୍ରତି ସଚେତନତା ।

## ପ୍ରଶ୍ନାବଳୀ

# ଧାରଣୀୟ ବିକାଶ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

(କ) ଧାରଣୀୟ ବିକାଶ କହିଲେ କ'ଣ ବୁଝ ?

(ଖ) ବ୍ରଣ୍ଡଲାଣ୍ଡ କିଏ ? ଓ ତାଙ୍କ ପ୍ରଦତ୍ତ ଧାରଣୀୟ ବିକାଶର ସଂଜ୍ଞା ପ୍ରଦାନ କର ।

(ଗ) ଧାରଣୀୟ ବିକାଶର ଉପାଦାନ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସମ୍ୟକ ବିବରଣୀ ପ୍ରଦାନ କର ।

(ଘ) 'ଧାରଣୀୟ ବିକାଶରେ ପରିବେଶର ସୁରକ୍ଷା ଅବଶ୍ୟମ୍ଭାବୀ' ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।

୨. ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।

(କ) ଜନସଂଖ୍ୟା ନିୟନ୍ତ୍ରଣ

(ଖ) ପରିବେଶର ସୁରକ୍ଷା

(ଗ) ପରିବେଶ ସନ୍ତୁଳନ

୩. ଶୂନ୍ୟସ୍ଥାନ ପୂରଣ କର ।

(କ) _______ ହେଉଛି ଧାରଣୀୟ ବିକାଶର ଏକ ମୁଖ୍ୟ ଅଙ୍ଗ ।

(ପରିବେଶର ସୁରକ୍ଷା, କଳକାରଖାନା ସ୍ଥାପନ, ବୃଷ୍ଟିପାତର ଅନିୟମିତତା)

(ଖ) _______ ଏକ ନବୀକରଣୀୟ ସମ୍ବଳ ଅଟେ ।

(ଲୁହାପଥର, କୋଇଲା, ଜଳ)

୪. ତୁମ ପାଇଁ କାମ ।

ସମ୍ପଦ ବିନିଯୋଗ ଓ ଧାରଣୀୟ ବିକାଶ ସମ୍ବନ୍ଧରେ ସ୍ଲୋଗାନମାନ ଲେଖ ।



PB-03/15/11/2016

ଓଡ଼ିଆପୋର୍ଟାଲ.ଇନ୍‌ଙ୍କର

# ପାଠାଗାର

Pathagara.OdiaPortal.IN

